ପାର୍ଲାମେଣ୍ଟରେ ଭାରତ ଶାସନ ଆଇନ ବଦଳିଯିବ ?

ଶ୍ରମିକ ଦଳର ଗୁରୁତର ପରିବର୍ତ୍ତନ ପ୍ରସ୍ତାବ

୩୦ବର୍ଷ ଭିତରେ ଔପନିବେଶିକ ସ୍ୱରାଜ୍ୟ ଭାରତ ଲୋକଙ୍କ ହାତକୁ ଯିବ

ଲଣ୍ଡନ, ୧୪।୨।୩୫

ବିଲାତ ପାର୍ଲାମେଣ୍ଟରେ ଭାରତ ଶାସନ ଆଇନର ୨ୟ ଥର ଶୁଣାଣି ହେଉଅଛି । ବର୍ତ୍ତମାନ କମିଟି ବୈଠକର ଆଲୋଚନା ହେବ । ଏଥିପାଇଁ ଶ୍ରମଜୀବୀ ଦଳ ୨ଟା ପ୍ରସ୍ତାବ ସଂଶୋଧନ ପ୍ରସ୍ତାବ ଆଣିଛନ୍ତି । ପ୍ରଥମରେ ସେମାନେ ପ୍ରସ୍ତାବ କରିବେ ଯେ ଯେଉଁସବୁ ଦେଶୀୟ ରାଜ୍ୟ ବା ରାଜାମାନେ ଫେଡେରେସନରେ ପ୍ରବେଶ କରିବେ ସେମାନେ ତାଙ୍କ ନିଜ ରାଜ୍ୟରେ ଭାରତର ପ୍ରାଦେଶିକ ସ୍ୱାୟତ୍ତ ଶାସନ ପାଉଥିବା ପ୍ରଦେଶମାନଙ୍କ ସଙ୍ଗେ ସମାନ ଅଙ୍ଗ ହେବାଭଳି ନେତୃତ୍ୱ ବିଷୟରେ ଶାସନ ସଂସ୍କାର ବ୍ୟବସ୍ଥା କରିବା ଦରକାର । ଦ୍ୱିତୀୟରେ ପ୍ରସ୍ତାବ କରିବେ ଯେ ଗଭର୍ଣ୍ଣର ମନ୍ତ୍ରୀ ନିଯୁକ୍ତ କଲାବେଳେ ଏବଂ ବା ଡେପୁଟି ନେତା ପ୍ରଧାନଙ୍କ ସଙ୍ଗେ ଅପରୁ ପରାମର୍ଶ କରି ମନ୍ତ୍ରୀ ବାଛିବେ । ବିଦେଶ ନୀତି ଓ ଧର୍ମ ସମ୍ବନ୍ଧୀୟ ବିଭାଗ ବିଷୟରେ ଗଭର୍ଣ୍ଣର କେବଳ ନିଜେ ଜ୍ଞାନାନୁସାରେ କାର୍ଯ୍ୟ କରିବେ ନାହିଁ ବୋଲି ବ୍ୟବସ୍ଥା କରିବା କାରଣ ଏମାନେ ପ୍ରସ୍ତାବ କରିବେ ।

ଭାରତର ରାଜ୍ୟରକ୍ଷା ପାଇଁ ଯେ ସୈନ୍ୟ ବିଭାଗ ସେ ବିଷୟରେ ପ୍ରସ୍ତାବ ହେବ ଯେ ଗଭର୍ଣ୍ଣର ଜେନେରେଲ ରାଜ୍ୟରକ୍ଷା ସୈନ୍ୟ ବିଭାଗକୁ କ୍ରମଶଃ ଭାରତୀୟକରଣ କରିବେ । ବିଷୟରେ ବିଶେଷ ନଜର ଦେବେ, ଯେପରି କି ୩୦ ବର୍ଷ ଭିତରେ ଏହା ପୂର୍ଣ୍ଣ ସ୍ୱଦେଶୀୟଭାବ ଗଠିତ ହେବ, ଯେଣିକି ଏହା ଖୋଦ ଗଭର୍ଣ୍ଣରଙ୍କ ହାତରେ ନ ରହି ଗଭର୍ଣ୍ଣର ଓ ମନ୍ତ୍ରୀପରିଷଦଙ୍କ ହାତରେ ରହିବ । ତାପରେ ଶାନ୍ତି ଶୃଙ୍ଖଳା ପ୍ରତି ବିପତ୍ତିର ପ୍ରତିକାର କରିବା କ୍ଷମତା ଯେ ସ୍ୱତନ୍ତ୍ର ଭାବରେ ଲାଟଙ୍କ ହାତରେ ଥିବା ସେହି ସମୟଠାରୁ ସେ ବ୍ୟବସ୍ଥା ରଦ କରାଯିବ । ଅଳ୍ପ ସଂଖ୍ୟକ ଗୋଷ୍ଠୀ ନାମରେ ଯେଉଁମାନଙ୍କର ବ୍ୟବସ୍ଥା ହେବ ସେ କେବଳ ଧର୍ମ ଓ ଜାତିଗତ ସଂଖ୍ୟା ନ୍ୟୂନ ଜାତ ପ୍ରତି କରାଯିବ । ଭାରତ ଏବଂ ବ୍ରିଟେନ ଅବାଧ ବାଣିଜ୍ୟ ବିଷୟରେ ଅବଶ୍ୟ କରିବ ଏଥି ସେ ବିଷୟରେ ମଧ୍ୟ ସେମାନେ ସଂଶୋଧନ ପ୍ରସ୍ତାବ ଆଗତ କରିବେ ।

ଭାରତୀୟ ପ୍ରେମୀ ଦ୍ରବ୍ୟ ପ୍ରତି ଯଦି କେହି ପାଣ୍ଡ ଅନ୍ୟର ବ୍ୟବହାର କରନ୍ତି ତେବେ ତାର ପ୍ରତିବାଦ ରୂପେ ଭାରତ ସେହିଭଳି ପ୍ରତିବିଧାନ କରି ନିଷିଦ୍ଧ ସେଥିକୁ ହସ୍ତକ୍ଷେପ କରିବାର ତାଙ୍କର ଯେ କ୍ଷମତା ତାହା ରହିବା ଉଚିତ ନୁହେଁ । କେବଳ କେଉଁ ଅର୍ଥ ବିଭାଗ ପରାମର୍ଶ ଦାତା ନିଯୁକ୍ତ କରିବେ । କେନ୍ଦ୍ର ସରକାରରେ ଏବଂ ବାହାର ଦେଶରେ ଗୋଟିଏ ଲେଖାଏ ବ୍ୟବସ୍ଥା ରହି ହେଲା, ଷ୍ଟେଟ କାଉନ୍ସିଲର ହିସାବ ଉପରେ କୌଣସି ଆପତ୍ତି ରହିନାହିଁ । ଲାଟମାନେ ଏଣିକି ଉପରେ କରି ପାରିବେ ନାହିଁ—ହେଉନ ମନ୍ତ୍ରୀ ଯୋଗେ ମଧ୍ୟ ସଂଶୋଧନ ପ୍ରସ୍ତାବ ଅଛନ୍ତି ।

ଭିନ୍ନ ଜାତିକ ସ୍ୱତନ୍ତ୍ରତା ପାଇବା ବିଷୟରେ ଏ ଆଇନ ଯଥା ପରିବାର କରିବ ବୋଲି ବ୍ୟବସ୍ଥା ରହିବା କାରଣ ସେମାନେ ସଂଶୋଧନ ପ୍ରସ୍ତାବ ଆଣିବେ ।

ଷ୍ଟେଟ କାଉନ୍ସିଲରେ ଭେଲ ବ୍ୟବସ୍ଥାପକ ଆସେମ୍ବ୍ଲି ହେଲା ଷ୍ଟେଟଙ୍କ ହାତ କମାଇ ୧୦ଜଣ ମହିଳା ମେମ୍ବର ରହିବାପାଇଁ ଏବଂ ସେହି ଭଳି ଭାବରେ ୧୦ଜଣ ଶ୍ରମିକ ମେମ୍ବର ବଢାଇବା ହେବାପାଇଁ ଏବଂ ସରକାରୀ ଦଳରେ ସ୍ୱତନ୍ତ୍ର ଗୋଷ୍ଠୀକୁ ଯେ ନାମିତ ହୋଇଥିବା ଜନସଂଖ୍ୟକ ଭାବର ସେମାନଙ୍କ ୧୦ଜଣ ମେମ୍ବର ତାଙ୍କ ଆସନ ପ୍ରସ୍ତାବ କରିବେ ।

ଅସେମ୍ବ୍ଲି ଓ ଷ୍ଟେଟ କାଉନସିଲର ମିଳିତ ବୈଠକ ଯେତେବେଳେ ହେବ ସେତେବେଳେ ଷ୍ଟେଟ କାଉନସିଲ ସଭ୍ୟମାନେ ସେଥିରେ ବହୁତ ନହୋଇ ଅସେମ୍ବ୍ଲି ସଭ୍ୟଙ୍କ ସହଯୋଗରେ କାର୍ଯ୍ୟ କରିବେ ବୋଲି ଏମାନେ ସଂଶୋଧନ ପ୍ରସ୍ତାବ ଆଣିଛନ୍ତି ।

ବହିଃ ସମ୍ପର୍କୀୟ ଓ ଜମିଦାର ମାନଙ୍କ ଅସ୍ପୃଶ୍ୟ ଅସେମ୍ବ୍ଲିରେ ସ୍ଥାନ ଦେବା ବିଷୟରେ ସେମାନେ ପ୍ରସ୍ତାବ ଆଣିବେ ।

—

ଯାହା ମିଳିବା କଥା ମିଳିଲା

ଷ୍ଟେଟ କାଉନସିଲ ଏଥର ଶେଷ ବୈଠକ

ଦିଲ୍ଲୀ, ତା ୧୪।୨।୩୫

ଷ୍ଟେଟ କାଉନସିଲରେ ଅନେକ ଆଲୋଚନା ପରେ ଲର୍ଡ ରିପୋର୍ଟର ଯେ ପ୍ରସ୍ତାବିତ ଶାସନ ସଂସ୍କାର ଅନୁଯାୟୀ କରିବା ବିଷୟରେ ସଂଶୋଧନ ପ୍ରସ୍ତାବ ଆଣିଥିଲେ ତାହା ଭୋଟରେ ନାମଞ୍ଜୁର ହୋଇଗଲା । ତାଙ୍କ ପ୍ରସ୍ତାବ ସପକ୍ଷରେ ମୋଟ ୧୦ ଜଣ ଭୋଟ ଦେଲେ ଏବଂ ତାଙ୍କ ବିରୁଦ୍ଧରେ ସରକାର ପକ୍ଷରେ ୩୨ଜଣ ଭୋଟ ଦେଲେ ।

ମିଷ୍ଟର ସ୍ୱାମିନ ଯେ ପ୍ରସ୍ତାବ କରିଥିଲେ ଯେ ନୂଆ ଶାସନ ସଂସ୍କାରକୁ ସନ୍ତୋଷଜନକ ଗ୍ରହଣ କରାଯାଉ । ତାଙ୍କର ପ୍ରସ୍ତାବ ଧାର୍ଯ୍ୟ ହୋଇଗଲା । ଏ ପ୍ରସ୍ତାବ ସପକ୍ଷରେ ୩୨ ଏବଂ ବିରୁଦ୍ଧରେ ୧୪ ଭୋଟ ହେଲା ।

ସାର ଫିରୋଜ ସେଠନା ଜ ଏ ଉପରୋକ୍ତ ପ୍ରସ୍ତାବମାନଙ୍କରେ ପରିବର୍ତ୍ତନ କରାଯାଉ ବୋଲି ଯେ ସଂଶୋଧନ ପ୍ରସ୍ତାବ ଆଣିଥିଲେ ସେ ନାମଞ୍ଜୁର ହୋଇଯାଏ ।

ସୁଜନପୁର ଅଗ୍ନୀଜ ପ୍ରସ୍ତାବରେ ୧ମ ଭାଗ ଅର୍ଦ୍ଧରେ ସାମ୍ପ୍ରଦାୟିକ ସ୍ୱରାଜ୍ୟ ଆସିବା ଅନ୍ୟ କୌଣସି ଅବକାଶ ନଥିବା ସ୍ଥଳେ ସୁପାରିସ ହେଉ ବୋଲି ପ୍ରସ୍ତାବ ହୋଇଥିଲା । ସେ ମଧ୍ୟ ମଞ୍ଜୁର ହୋଇଗଲା । ତାର ସପକ୍ଷରେ ୩୧ ଓ ବିରୁଦ୍ଧରେ ୧୩ ଭୋଟ ହେଲା ।

ରାଜା ରନାଙ୍କ ପ୍ରସ୍ତାବ ଭଳି ଶାସନ ବ୍ୟବସ୍ଥା ବିଷୟରେ ସେ ୨ୟ ଓ ୩ୟ ପ୍ରସ୍ତାବ ଯେ କରିଥିଲେ ତାହା ନାମଞ୍ଜୁର ହୋଇଗଲା ।

—

ପୁରୁଣା ସମ୍ମିଳନୀ

ପାଟଣା, ତା ୧୪।୨।୩୫

ଆଜି ପାଟଣାଠାରେ ସରକାରୀ ସମ୍ମିଳନୀ ସଙ୍ଗେ ବଙ୍ଗ ବିହାର ଓଡ଼ିଶା ପୁରୁଷ କର୍ମଚାରୀମାନଙ୍କର ସମ୍ମିଳନୀ ହୋଇଥିଲା । ସମ୍ମିଳନୀରେ ଯେଉଁମାନେ ପୁରୁଷ ଷ୍ଟେସନ କରୁଛନ୍ତି ସେହିମାନଙ୍କର ଏ ସମ୍ମିଳନୀ ହୋଇଥିଲା । ଲାଟ ସାହେବ ଏ ସମ୍ମିଳନୀ ଫିଟାଇଲେ ।

—

ଶ୍ରୀଯୁକ୍ତ ହୋମିଙ୍କୁ ଜେଲଦଣ୍ଡ

ଜାମସେଦପୁର, ତା ୧୪।୨।୩୫

ଏଠାରେ ଶ୍ରମିକ ସଙ୍ଘ ଭୁକ୍ତ ସଭାପତି ଶ୍ରୀଯୁକ୍ତ ମାନେକ ହୋମି ଜାମସେଦପୁର କୋର୍ଟର ଷ୍ଟେଟ ଜେଲଖାନାରେ ଅଛନ୍ତି । ରାଜ୍ୟର ପ୍ରଜାଙ୍କୁ ରାଜାଙ୍କ ବିରୁଦ୍ଧରେ ଉତ୍ତେଜିତ କରିବା ଅଭିଯୋଗରେ ତାଙ୍କୁ ବର୍ଷେ ଜେଲଦଣ୍ଡ ହୋଇଛି । ବର୍ତ୍ତମାନ ସେ ଜେଲ ନିୟମ ଭାଙ୍ଗିଛନ୍ତି; ତାଙ୍କୁ ଅଧିକ ୬ମାସ ଜେଲଦଣ୍ଡ ଓ ଶିକ୍ଷଣ ଦେଇଥିବାର ଖବର ପାଇଛୁ ।

—

ପ୍ରଦର୍ଶନୀ ପୁରସ୍କାର

କଟକ, ତା ୧୪।୨।୩୫

ଗାନ୍ଧି ହଷ୍ଟେଲ ଅଙ୍ଗନରେ ଉତ୍କଳ କୃଷି ପ୍ରଦର୍ଶନୀରେ ଆଜିର ଉତ୍ସବରେ ଗୋଟିଏ ସାଧାରଣ ସଭା ହୋଇ ପ୍ରଦର୍ଶନୀରୁ ଭଲ ଭଲ ଜିନିଷ ପଠାଇଥିବା ଦଳ ବିଶେଷ ଏବଂ ଅନୁଷ୍ଠାନମାନଙ୍କୁ ପଦକ ଏବଂ ସାର୍ଟିଫିକେଟ ବିତରଣ କରାଯାଇଥିଲା । କମିଶନର ଡଣ୍ଟିନ ସାହେବ, ଜେଲ ଜଜ ମେକେଞ୍ଜି, ଜଜ, ପି ଭାଣ୍ଡାରକର, କଲେକ୍ଟର, ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସରକାରୀ ଲୋକ ଏବଂ ବହୁତ ବେସରକାରୀ ଲୋକ ମଧ୍ୟ ଉପସ୍ଥିତ ଥିଲେ । କଟକ ଷ୍ଟେସନର ମହିଳା ମଧ୍ୟ ଯୋଗ ଦେଇଥିଲେ । ମୟୂରଭଞ୍ଜ ରାଜା ସାହେବ ସଭାପତି ଏବଂ ପୁରସ୍କାରମାନ ବାଣ୍ଟିଥିଲେ ।

ଯାଜପୁରରେ ପ୍ରଥମେ ଦ୍ୱିତୀୟ ଶିକ୍ଷକ ଧ... ମହାଶୟ ତାଙ୍କ ଅତି ସୁନ୍ଦର ହାତେ ବୁଣା ଗୋଟିଏ ସୁନ୍ଦର ଲୁଗା ରାଜାଙ୍କ ହାତରେ ଦେଲେ ଓ ଗୋଟିଏ ସ୍ୱର୍ଣ୍ଣପଦକ ପାଇଲେ । ଆନନ୍ଦପୁରର ଏ ଦୁର୍ଲଭ ଶିଳ୍ପ ଏବଂ ଗଡ଼ଜାତ ରାଜ୍ୟର ଶିଳ୍ପ ସଂଗ୍ରହ ନର ଦେଖିବା ଲାଗି ଦର୍ଶକମାନେ ବହୁତ ଗହଳି ଲାଗିଥିଲା । ଦର୍ଶକ ବର୍ଣ୍ଣିତ ପାଣ୍ଡିତ ବହୁତ ଗ୍ରହଣ ପଦକ ପାଇଛନ୍ତି । ପାରାଦ୍ୱୀପ ଅଞ୍ଚଳ ମଧ୍ୟ ଭଲ ଭଲ ଫୁଲ ସଂଗ୍ରହ କରିଥିବା ଲାଗି ଏଥର ପଦକ ଲାଭ କରିଛନ୍ତି । ସମସ୍ତ ପଦକ ପାଇଥିବା ବ୍ୟକ୍ତିମାନଙ୍କ ସମ୍ପୂର୍ଣ୍ଣ ତାଲିକା ପ୍ରଦର୍ଶନୀ ଅଫିସରୁ ମିଳିବ । ପରେ ପ୍ରକାଶ କରାଯିବ ।

ମହିଳାମାନଙ୍କ ଶିଳ୍ପ ପଦକ ଏବଂ ସାର୍ଟିଫିକେଟ ଅଧିକାଂଶ ତାହା ତାଙ୍କ ଅନେକ ଯାଇଥିବା ମହିଳା ସେଠାରେ ଉପସ୍ଥିତ ଥିଲେ ମଧ୍ୟ ଲଜ୍ଜା ଯୋଗୁଁ ଉଠିବାକୁ ରାଜାଙ୍କ ଅନୁରୋଧ କଲେ ସେଠାରେ ବାହାରି ଆସି ନ ପାରି ଅଳ୍ପ ସଂଖ୍ୟାରେ ଶୈଳବାଳାଙ୍କ ଘରଠାରେ ମେକେଞ୍ଜିଙ୍କ ପତ୍ନୀଙ୍କ ହାତ ଦ୍ୱାରା ଦିଆହେବାର ବ୍ୟବସ୍ଥା ହେଲା । ଏ ବ୍ୟବସ୍ଥା ଉପସ୍ଥିତ ଭଦ୍ରବ୍ୟକ୍ତି ଏବଂ ଭଦ୍ରମହିଳାମାନଙ୍କୁ ଅସୌଜନ୍ୟ ଏବଂ ଅସୁନ୍ଦର ବୋଧ ହୋଇଥିଲେ ମଧ୍ୟ କେବଳ ମିଶ୍ର ଜାତିଙ୍କ ମହିଳା ନେତ୍ରୀମାନେ ଏ ବ୍ୟବସ୍ଥା କରିବା ଅଧିକ ବିଷୟ । ଅନେକ ମହିଳା ପୁଣି ଖଣ୍ଡିତ ହୋଇ ଗଡ଼ଜାତ ବାହାର ଏବେବୋଲି ସେମାନଙ୍କୁ ଅଲଗା ପ୍ରକାଶ କରିବାକୁ ସର୍ବାଙ୍କ ହେବାପରେ ସେହିଠାରେ ସେମାନଙ୍କୁ ପ୍ରାପ୍ୟ ପଦକ ଓ ପୁରସ୍କାର ଦିଆଗଲା ।

ଶେଷରେ ପ୍ରଦର୍ଶନୀର ଅନ୍ୟତମ ସମ୍ପାଦକ ମିଷ୍ଟର ଏ, ଏସ, ଏନ୍ ମୂର୍ତ୍ତି ପ୍ରଦର୍ଶନୀର ସଫଳତା ପାଇଁ ସାହାଯ୍ୟ ଏବଂ ସହାନୁଭୂତି ଦେଖାଇଥିବାରୁ ସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ ପୁରସ୍କାର ବିତରଣ ପାଇଁ ମୟୂରଭଞ୍ଜର ରାଜା ସାହେବଙ୍କୁ ଧନ୍ୟବାଦ ଦେଇଥିଲେ ।

ଏ ବିଷୟ ପୂର୍ଣ୍ଣ ସୂଚନା ପାଇଲେ ତାର ତାଲିକା ଭାବି ପ୍ରକାଶ ପାଇବ ।

—

ମ୍ୟୁନିସିପାଲିଟି ଉପରେ ସରକାରୀ ଦାବି

ରାଜକୋଟରେ ମଙ୍ଗଳା ଯୋଗ ୧୦ଲକ୍ଷ ଟଙ୍କା କାଟ

ଅହମଦାବାଦ, ତା ୧୩।୨।୩୫

ଅହମଦାବାଦ ମ୍ୟୁନିସିପାଲିଟିର ସ୍କୁଲମାନ ୧୯୩୦ ସାଲରେ ଭିତରେ ଜାତୀୟ ନେତାମାନଙ୍କ ନିର୍ଦ୍ଦେଶ ଅନୁସାରେ ୧୦ଦିନ ବନ୍ଦ ହୋଇଥିବାରୁ ସେମାନେ ସରକାର ସ୍କୁଲମାନଙ୍କୁ ଦେଉଥିବା ସାହାଯ୍ୟ ୪ବର୍ଷ ହେଲା ବନ୍ଦ କରିଛନ୍ତି । ଏ ଟଙ୍କାର ପରିମାଣ ପ୍ରାୟ ୧୦ଲକ୍ଷ ଟଙ୍କା ହେବ । ମ୍ୟୁନିସିପାଲିଟି ଏବେ ସେ ଟଙ୍କା ମାଗିଥିଲେ । ସରକାର ସେଥିକୁ ଉତ୍ତର ଲେଖିଛନ୍ତି ଯେ ମ୍ୟୁନିସିପାଲିଟି କାର୍ଯ୍ୟରେ ରାଜନୀତି କଥା ପୂରେଇବ ନାହିଁ ବୋଲି ପ୍ରତିଶ୍ରୁତି ନ ଦେଇଥିବାରୁ ସରକାର ଏ ଟଙ୍କା ଦେବାକୁ ନାରାଜ ।

—

ଅମେରିକା ସାହେବଙ୍କ ପ୍ରାଣଦଣ୍ଡ

ଶିଶୁ ହରଣ ଓ ହତ୍ୟା ଅପରାଧରେ ଶାସ୍ତି

ଫ୍ଲେମିଙ୍ଗଟନ, ତା ୧୪।୨।୩୫

ଲିଣ୍ଡବର୍ଗ ଶିଶୁହରଣ ଓ ହତ୍ୟା ଅପରାଧରେ ଅମେରିକାର ହପ୍‌ମାନଙ୍କୁ ପ୍ରାଣଦଣ୍ଡ ଆଦେଶ ହେଲା । ଫେବୃଆରୀ ୧୫ତାରିଖ ଦିନ ତାଙ୍କୁ ବୈଦ୍ୟୁତିକ ଯନ୍ତ୍ର ସାହାଯ୍ୟରେ ପ୍ରାଣଦଣ୍ଡ ଦିଆଯିବ ବୋଲି ଜଜ୍ ଆଦେଶ ଦେଇଛନ୍ତି ।

—

ଇଂଲଣ୍ଡ ଅଷ୍ଟ୍ରେଲିଆ ମେଲ

ଉଡ଼ାଜାହାଜ ହୋଇବ ଫଟେଲେଇ

ଲଣ୍ଡନ, ତା ୧୪।୨।୩୫

ଡ଼, ଜେ ଗ୍ର ... ସରକାରଙ୍କୁ ଲେଖିଛନ୍ତି ଯେ ଗୋଟିଏ ଦଳ ଦେଲେ ସେଣ୍ଟ୍ରୋପ୍ଲେନ ସୃଷ୍ଟିରେ ଅଧିକ ଶୁଳ୍କ ଯେ ଅଲଗା କରାଯାଉଛି ସେ ବିଷୟରେ ଭାରତୀୟ ଯାତ୍ରୀ ନିରପେକ୍ଷ ବୁଝି ଯେ ଦୁର୍ଘଟଣା ଭରି ରହିଲେ ତାହା ପକ୍ଷରେ ବ୍ୟବସ୍ଥା କରାଯାଇ ପାରିବ ।

—

ଫୋର୍ଟ୍ଖାଁ ଡାକ୍ତରଖାନାରେ ଅସୁବିଧା

ଖୋରଧା, ତା ୧୪।୨।୩୫

ଖୋରଧା ଡାକ୍ତରଖାନାରେ ସରକାର ତରଫରୁ ଜଣେ ବଡ ଡାକ୍ତର ଥାନ୍ତି । ଔଷଧ ଏବଂ ଅନ୍ୟାନ୍ୟ ଜିନିଷ ଲୋକଲ ବୋର୍ଡ ଯୋଗାଏ । ଏଠାରେ ପ୍ରସୂତି ଏବଂ ବେଳେ ଔଷଧପତ୍ର ଭଲ ବନ୍ଦୋବସ୍ତ କାହିଁ ନଥିବା କାଳି ଡାକ୍ତର ନିଯୁକ୍ତ ହେଉ ଥିବା ରୋଗୀମାନଙ୍କଠାରୁ ରୋଗର ଏବଂ ଗରିବ ରୋଗୀଙ୍କ ପାଇଁ ଏବଂ ଗରିବ ଦୁଃଖୀ ରୋଗୀଙ୍କ ବ୍ୟବସ୍ଥା କରିବାରେ ବିଶେଷ ଅସୁବିଧା ହେଉଛି ।

ମଫସଲ ରୋଗୀଙ୍କ ସୁବିଧା ଲାଗି ଏକଦା ଡାକ୍ତର ଘରେ ଥାଉଥିବା ଜଣେ କମ୍ପାଉଣ୍ଡର ହାତରେ ଔଷଧ ଦେବାର ବ୍ୟବସ୍ଥା ଥିଲା । ଏଥିରେ ରୋଗୀଙ୍କର ବହୁତ ସୁବିଧା ହେଉଥିଲା । ମାତ୍ର ଏବେ ଯେଉଁ ଡାକ୍ତର ବାବୁ ଅଛନ୍ତି ସେ ଆସିଲା ଦିନଠାରୁ ସେ ପ୍ରଥା ଉଠାଇ ଦେଇଛନ୍ତି । ଏଥିରେ ଦୂର ମଫସଲ ରୋଗୀଙ୍କ ବଡ଼ ଅସୁବିଧା ହେଉଛି । ରୋଗ ଅପରେସନ କରାଗଲେ ୨୮ ଟଙ୍କା ୧୦।୧୫ ଦିନ ଘର ଭଡ଼ା ଯାଉଥିବା ଡାକ୍ତର ବାବୁଙ୍କ ବୃଦ୍ଧିକୁ ଦେଖାଯାଏ ନାହିଁ । ସରକାର ଏବଂ ଲୋକାଲବୋର୍ଡ ଏ ସବୁ ଅସୁବିଧା ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ ।

—

ବାଲିଅନ୍ତା ଥାନାରେ ଡକାୟତି

ଧର୍ମପୁର (ବାଲିଅନ୍ତା) ତା ୧୪।୨।୩୫

ଗତ ମାସ ୨୮ ତାରିଖଠାରୁ ଧର୍ମପୁର ଗ୍ରାମରେ ବସନ୍ତ ରୋଗ ଅଦ୍ୟାବଧି ହେଉଅଛି । ଅଦ୍ୟ ସୁଦ୍ଧା ୮ଜଣ ମଲେଣି ଏବଂ ୮।୯ ଜଣ ରୋଗ ଭୋଗୁଛନ୍ତି । ପୂର୍ବରୁ ଖବର ଦିଆଯାଇଥିଲେ ମଧ୍ୟ ବିଶେଷ କିଛି ସନ୍ତୋଷଜନକ ପ୍ରତିକାର ଏ ପର୍ଯ୍ୟନ୍ତ ହୋଇନାହିଁ । ପ୍ରଥମେ ଜଣେ ଡାକ୍ତର ରୁଗ୍‌ଣମାନଙ୍କରେ କିଛି ପଥ୍ୟ ଖୁଆଇ ଦେଇ ଯାଇଥିଲେ । ତାପରେ ଆଉ କାହାର ଦେଖା ନାହିଁ । ରୋଗ ଯେପରି ବ୍ୟାପୁଛି ଲୋକାଲବୋର୍ଡ ତତ୍କ୍ଷଣାତ୍ ଏଥିପ୍ରତି ଶୀଘ୍ର ଅସି ଉଚିତ ବ୍ୟବସ୍ଥା ନକଲେ ଅବସ୍ଥା ଭୟଙ୍କର ହୋଇ ଉଠିବ ।

—

ଲାହୋରରେ ରବୀନ୍ଦ୍ରନାଥ

ଲାହୋର, ତା ୧୪।୨।୩୫

କବି ରବୀନ୍ଦ୍ରନାଥ ଏଠାରେ ଥିବାରୁ ଭାରତର ସାଧାରଣ ଅଭ୍ୟର୍ଥନା କରାଯାଇଥିଲା । ହଜାର ହଜାର ଲୋକ ଏଥିରେ ଯୋଗ ଦେଇଥିଲେ । ଅନେକ ତାଙ୍କୁ ପାଞ୍ଚଟି ମାନପତ୍ର ଅର୍ପଣ କଲେ । କବି ରବୀନ୍ଦ୍ରନାଥ ସମସ୍ତଙ୍କ ପକ୍ଷରୁ ତାଙ୍କୁ ଅଭିବାଦନ ଜଣାଇଲେ । ମହାତ୍ମା ଗାନ୍ଧୀ ତାଙ୍କର ନିଜ ଅନୁପସ୍ଥିତି ଜଣାଇଲେ ଯେଉଁ ସହାନୁଭୂତିଠାରେ ରହିଥିଲେ କବି ରବୀନ୍ଦ୍ରନାଥଙ୍କୁ ସେହିଠାରେ ନେଇ ରଖାଯାଇଛି ।

—

କଟକ ହାଲ

ମ୍ୟୁନିସିପାଲିଟିଙ୍କ ଅବହେଳା

କଟକ, ତା ୧୪।୨।୩୫

ହାଜତଘାଟଠାରୁ କଲେଜ ହଷ୍ଟେଲ ହତା ପର୍ଯ୍ୟନ୍ତ ଡାଙ୍ଗଯୋଡ଼ ନୂଆ ରାସ୍ତାରେ ଦୁଇମାସ ହେଲା ଗୋଡି ଜମା ହୋଇ ରହିଥିବାରୁ ଗାଡ଼ି, ମଟର, ସାଇକଲ ଆଦି ଚଳାଚଳର ବଡ଼ ଅସୁବିଧା ହେଉଛି ଏବଂ ଅନେକ ଦୁର୍ଘଟଣାର ଆଶଙ୍କା ରହିଛି । ମ୍ୟୁନିସିପାଲିଟି ଶୀଘ୍ର ଏହାର ପ୍ରତିକାର କରିବା ଉଚିତ ।

—

ସଦରର ହାକିମଙ୍କ ଅଦାଲତ

କଟକ, ତା ୧୪।୨।୩୫

କଟକ ରେଭେନ୍ସାଦିନ ହାକିମ ଶ୍ରୀଯୁକ୍ତ ଗୋପୀନାଥ ରାଉତ ସାହେବଙ୍କ ସକାଳ ଅଦାଲତ ବସୁଅଛି । ଏହାଦ୍ୱାରା ପକ୍ଷ ଓକିଲ, ମୁକ୍ତାର ଏବଂ ଆସାମୀମାନଙ୍କର ବଡ଼ ଅସୁବିଧା ହେଉଛି । କେଉଁ ମୋକଦ୍ଦମା କେବେ ହେବ, କେଉଁ ପକ୍ଷର କଥା ହେବ ନାହିଁ ସେଥି ସକାଳ ଦଶଟା ବାଜିଲେ ମଧ୍ୟ ଅଦାଲତରେ ଠିକ ହୋଇ ମିଳୁ ନାହିଁ । ପକ୍ଷମାନେ ଅନେକ ସମୟରେ କଷ୍ଟ ବହୁ ଜଟ ଖର୍ଚ୍ଚ ହେଉଛନ୍ତି । ହାଇକୋର୍ଟ ସର୍କୁଲାର ଅନୁସାରେ ୧୧ ଟା ପର୍ଯ୍ୟନ୍ତ କୋର୍ଟ ବସିବାର ବ୍ୟବସ୍ଥା ଥିଲେ ମଧ୍ୟ ସେଥିପ୍ରତି ନଜର ନାହିଁ । ସାଧାରଣଙ୍କର ଏ ଅସୁବିଧା ପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଦେବେ କି ?

—

ଭାଗଲପୁର ମ୍ୟୁନିସିପାଲିଟି

ଅଧାଅଧି ସରକାର ହାତକୁ ଗଲା

ପାଟଣା, ତା ୧୪।୨।୩୫

ଫେବୃଆରୀ ୧୫ତାରିଖ ଠାରୁ ଭାଗଲପୁର ମ୍ୟୁନିସିପାଲିଟି ୧୪ମାସପାଇଁ ଅଧାଅଧି ସରକାର ହାତକୁ ଗଲା । କମିଶନରମାନେ ନିୟମିତ ଟିକସ ଆଦାୟ କଲେ ନାହିଁ । ସରକାରୀ ସକ୍ରେଟେରୀ ହେଉଛନ୍ତି । ମ୍ୟୁନିସିପାଲିଟିର ଶାସନ କାର୍ଯ୍ୟରେ ମଧ୍ୟ ବହୁତ ବିଶୃଙ୍ଖଳା ଦେଖାଯାଉଛି । ମ୍ୟୁନିସିପାଲିଟି ଅର୍ଥନୈତିକ ଅବସ୍ଥା ଖରାପ ହେଲା । ସେଥିପାଇଁ ଏହା ସରକାର ମ୍ୟୁନିସିପାଲିଟିର ଏଥିଅଧିକ କ୍ଷମତା ନେଇଗଲେ ... ନିଆଁ ଲାଗିଥିଲା । ସ୍ୱତନ୍ତ୍ର ଜଣେ ଅଫିସର ନିଯୁକ୍ତ ହେବେ ଓ ଟିକସ ଆଦାୟ କ୍ଷମତା ଦିଆଯାଇଛି ।

—

ସାର ଗଣେଶ ଦତ୍ତଙ୍କ ନୂଆ ସେକ୍ରେଟେରୀ

ପାଟଣା, ତା ୧୪।୨।୩୫

ପାଟଣା ମ୍ୟୁନିସିପାଲିଟିର ସ୍ୱତନ୍ତ୍ର ଅଫିସର ଥିବା ରାୟ ବାହାଦୂର ହରିଦ ବର୍ତ୍ତମାନ ସ୍ୱାୟତ୍ତ ଶାସନ ବିଭାଗର ସେକ୍ରେଟେରୀ ନିଯୁକ୍ତ ହେଲେ । ଏ ବିଭାଗର ସେକ୍ରେଟେରୀ ଥିବା ଜେ ସି ସାହେବ ଅର୍ଥ ବିଭାଗର ଅସ୍ଥାୟୀ ସେକ୍ରେଟେରୀ ରୂପେ କାର୍ଯ୍ୟ କରିବେ ।

—

କଳା ଗଜେନ୍ଦ୍ର ମନ୍ତ୍ରଣା

ମନ୍ଦିର ଦେବାଦାସୀ ପ୍ରଥା କାଏମ ରହିବ ?

ଦିଲ୍ଲୀ, ତା ୧୪।୨।୩୫

ବାଇସ୍ରୟଙ୍କ ଶାସନ ଓ ଶ୍ରୀଯୁକ୍ତ ଗଜେନ୍ଦ୍ର, ଭୁପାଳଙ୍କ ଭିତରେ ସାମ୍ପ୍ରଦାୟିକ ସମସ୍ୟା ନେଇ ପୁଣି କଥାବାର୍ତ୍ତା ଚାଲିଲା । ଏ ପର୍ଯ୍ୟନ୍ତ ମୀମାଂସା ହୋଇ ନାହିଁ । ଏଥର କଥାବାର୍ତ୍ତାରେ ଜଣାଯାଏ ଯେ ପଞ୍ଜାବ ଓ ବଙ୍ଗଳାରେ ହିନ୍ଦୁ ଓ ମୁସଲମାନମାନେ ଯେଉଁ ସଂଖ୍ୟା ଅନୁପାତରେ ସ୍ଥାନ ପାଇବେ । ମନ୍ଦିର ଭୋଟରେ ଉଚିତ ପ୍ରଥ ହେବ । କିନ୍ତୁ ଯେଉଁ ସବୁ ପ୍ରଦେଶରେ ମୁସଲମାନଙ୍କ ସଂଖ୍ୟା କମ ସେଠାରେ ସେମାନେ ତାଙ୍କ ସଂଖ୍ୟା ଅନୁପାତରୁ ଅଧିକ ସ୍ଥାନ ପାଇବେ । କିନ୍ତୁ ଏହା ସଫଳ ହେବ କି ନାହିଁ ଜଣାଯାଇ ନାହିଁ ।

—

ପ୍ରତିବାଦ

ପରମାର୍ଥୀ ପତ୍ରିକା ଓ ଅଲେଖଧର୍ମ

"ଅଲେଖ ଧର୍ମ କଣ ?" ଏହି ଶିର୍ଷକରେ ପରମାର୍ଥୀ ପତ୍ର (୧୪।୧୨।୩୪) ରେ କେତେକ କଥାର ଅବତାରଣା କରାଯାଇଛି । ସତ୍ୟକଥା ଭଳି ଦେଖାଯାଉଛି ଅଲେଖଧର୍ମ । ଉଲ୍ଲେଖଯୋଗ୍ୟ ଗୌଡ଼ୀୟ ବୈଷ୍ଣବ ପତ୍ରିକା "ପରମାର୍ଥୀ" ।

ପ୍ରଥମ ପ୍ରଶ୍ନ—କୁମ୍ଭୀ ପଟୁଆ ନାମରେ ଅଲେଖ ହୋଇ ଅନେକ ସନ୍ନ୍ୟାସୀ ଭ୍ରମଣ କରୁଅଛନ୍ତି । ଏହା ହୋଇପାରେ, ଏପରି କୃଷ୍ଣାନନ୍ଦ ପ୍ରଭୃତି ଅନେକ ମିଳନ୍ତି ବରୁ ଏବଂ ବେଶି ହେଲେ ଅନେକ ହେବ ଏବଂ ୧୦୦ରୁ ୯୯ ହେଲେ ମଧ୍ୟ ଅନେକ ହେବ । କେବଳ ବ୍ରାହ୍ମଣ ନୁହେଁ ଏମାନେ ରଜକ, ନାପିତ, ବେଶ୍ୟା, କେଉଟଣୀ ପ୍ରଭୃତିଙ୍କ ଘରେ ମଧ୍ୟ ଭିକ୍ଷା କରନ୍ତି ନାହିଁ । ସୁରା ପାନ ଏବଂ ଅନ୍ୟାନ୍ୟମାନେ ହେୟ ଦ୍ରବ୍ୟ ଗ୍ରହଣ କରନ୍ତି । ଏମାନଙ୍କର ଅଲେଖ ସମ୍ପ୍ରଦାୟ ନୁହନ୍ତି । ସେ ସ୍ୱତନ୍ତ୍ର ଭକ୍ତ । ଅଲେଖ ମହିମା ଗୋସାଇଁ ଅଛନ୍ତି । ପାଠୁଆ ଦରକାର ନୁହେଁ ଯୋଗେନ୍ଦ୍ର ମହିମା ଗାଦି । ଏମାନଙ୍କର ସତ୍ୟ ମହିମାଧର୍ମ, ଏହାର ପ୍ରତିଷ୍ଠା ୧୮୨୬ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହେଲା । ଅନ୍ୟାନ୍ୟ ଅଲେଖ—ସିଦ୍ଧ ଗୋବିନ୍ଦ ବାବା, ନୃସିଂହ ବାବା, ଭଗବାନ ବାବା, ଅପରିର୍ତ୍ତିତ ବାବା, କେଶବଚନ୍ଦ୍ର ବାବା, ନନ୍ଦବାବା ଇତ୍ୟାଦି ଏବଂ ବର୍ତ୍ତମାନ ଅବଧୂତ ବିଶ୍ୱନାଥ, ବାବା ଗୋପାଳଚରଣ ବାବା, ଷଣ୍ଢଚନ୍ଦ୍ର ବାବା ଇତ୍ୟାଦି । ମହିମା ଗୋସାଇଁଙ୍କର ମହିମା ଦେଖି ତାଙ୍କ ମହିମାଗୋସାଇଁ, କ୍ଷୀରହାସ, ଜଳହାସ, ଫଳାହାସ, ଗୋସାଇ ପ୍ରଭୃତିଙ୍କୁ ଇତ୍ୟାଦି ନାମରେ ଅଭିହିତ ହୋଇଥିଲେ । ସେ କେବଳ କୁମ୍ଭୀ ବସ୍ତ୍ର ଧାରଣ କରୁ ନାହାନ୍ତି । ମାତ୍ର ମଧ୍ୟ କେତେ ବ୍ୟବହାର କରି ନାହାନ୍ତି । ଗୋବିନ୍ଦ ବାବା କେନ୍ଦ୍ରାପଡ଼ାର ... ଓ ଶ୍ରୀମଦ୍ଭଗବତ ଗୋସାଇ ଭ୍ରମ ହେବାରେ ସାଧିତ ହୋଇଥିଲେ । ମହିମା ଗୋସାଇଁଙ୍କ ପରେ ସେ ଏହିପରି ସାମ୍ପ୍ରଦାୟିକ ପରମ୍ପରାରେ ହେଲେ । ପ୍ରଥମ ୧୨ ବର୍ଷ ସେ ଜଳ ଆହାର କରି ଓ ଦ୍ୱିତୀୟ ୧୨ ବର୍ଷ ଫଳ ଆହାର କରି ତୃତୀୟ ୧୨ ବର୍ଷ କ୍ଷୀର ଆହାର କରି ପରେ ୧୪ ବର୍ଷ ଧର୍ମ ପ୍ରଚାର କରିଥିଲେ ।

ଏମାନେ ଦେହ ତ୍ୟାଗର କହିବା ପରି କୌଣସି ଲକ୍ଷଣରେ ବସ୍ତ୍ର ଲକ୍ଷ ଟଙ୍କା ଲାଗି ଯେ ହଡ଼ଦେବା କଥା ମିଥ୍ୟା । ହିନ୍ଦୁ ଦେବଦେବୀ ନ ହେ, ସୃଷ୍ଟ ସକଳ ଦେବଦେବୀ—ସଂସାର, ଜୀବ ମହିମା ପ୍ରଭୁ ପରମେଶ୍ୱରଙ୍କର ଅଜ୍ଞାବହ ଏବଂ ଦେହ ରଖିବାରେ ସମସ୍ତ ଦେବ ଦେବୀ । କୃଷ୍ଣନୃଷ୍ଣ ଓ ଜାଳନ୍ଧର ଏ ଧର୍ମରେ ନାହିଁ ଏପରି କହିବା ଭ୍ରମାତ୍ମକ । ସୌରଜ ଚାଲିବ ସମସ୍ତ ବୃଦ୍ଧ ବୃଦ୍ଧ ହେବାର, ତଥା, ସ୍ୱପ୍ନରେ ଦେହ ସ୍ୱଣ୍ଣ, ଦେହ ସନ୍ନ୍ୟାସୀ ପ୍ରଭୃତି । ଏଥିରେ "ପରମାର୍ଥୀ"ର ଏତେ ମାର ଦୋଷ କାହିଁକି ?

ପ୍ରଭୁ ପରମେଶ୍ୱରଙ୍କ ସ୍ମରଣ କରି ପ୍ରଭୁ ଶୁକ ରଚନାରେ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟରେ ମଧ୍ୟ ବ୍ରହ୍ମଲୋକ (ଗୋଲୋକ) ହୁଏ । ଅଲେଖ ଧର୍ମାବଲମ୍ବୀ ଯୋଗୀଙ୍କର ଉଦ୍ଧାର ନ ହେଉ, ସର୍ବୋଦୟ ପର୍ଯ୍ୟନ୍ତ ଏବଂ ସାଧୁ-କାଳରେ ପରମ ବ୍ରହ୍ମରେ ଶରଣ ନିଅନ୍ତି । ଗୋଟିଏ ଖାଦ୍ୟମାନେ ପାଳକଭାବ ନାହିଁ—ପରସ୍ପର ସୁଖ କରିବା ତୋମମୂ ଏକତ୍ର ବ୍ୟବହାର କରନ୍ତି । "ପରମାର୍ଥୀ" ସାବାଡ଼-ପୀ—ମହିମା ଧର୍ମାବଲମ୍ବୀମାନେ ଚଳନ୍ତି ବିରୁଦ୍ଧବାସ । ସାକାର ନିରାକାର ଯେଉଁ ବହୁକାଳରୁ ମତାନ୍ତର ଅଛି । "ପରମାର୍ଥୀ" ଜାଣନ୍ତି ନାହିଁ ବୋଲି ପ୍ରକାଶ କରି ଅନ୍ୟଥା ନଷ୍ଟ ଏଥି ସୁଯୋଗ ଦେଉଛନ୍ତି; ଏହିର ଉତ୍ତର ଦେବା ନିଷ୍ପ୍ରୟୋଜନ ।

ଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ ।

—